# NATIONAL NEWS BULLETIN (ODIA)

## 01st May - 2025

## Morning Bulletin : 7.15 a.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଭାରତଦ୍ୱାରା ଆୟୋଜିତ ପ୍ରଥମ ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

— ସମ୍ମିଳନୀର ବାର୍ତ୍ତା ରହିଛି 'ନିର୍ମାତାମାନଙ୍କୁ ଯୋଡ଼ିବା - ଦେଶ ଯୋଡ଼ିବା' ।

- ଦେଶରେ ଜାତିଭିତ୍ତିକ ଜନଗଣନା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ।

- ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଚଳିତ ମାସ ୨୩ ତାରିଖ ପର୍ଯ୍ୟନ୍ତ ପାକିସ୍ତାନ ପାଇଁ ଆକାଶପଥ ବନ୍ଦ ରଖିଲା ଭାରତ ।

- ନିୟନ୍ତ୍ରଣ ରେଖା ନିକଟରେ ଉତ୍ତେଜନା ସୃଷ୍ଟି ନ କରିବା ଲାଗି ପାକିସ୍ତାନକୁ ଭାରତର ଚେତାବନୀ ।

ଏବଂ

- ଆଇ.ପି.ଏଲ୍.ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ୪ ୱିକେଟ୍‌ରେ ପରାସ୍ତ କରିଛି ପଞ୍ଜାବ କିଙ୍ଗ୍‌ସ ।

## ଇଣ୍ଡିଆ - ୱେଭ୍‌ସ ସମ୍ମିଟ୍

ମୁମ୍ବାଇର ଜିଓ ୱାର୍ଲ୍ଡ ସମ୍ମିଳନୀ କେନ୍ଦ୍ରରେ ପ୍ରଥମ ଥରପାଇଁ ଭାରତଦ୍ୱାରା ଆୟୋଜିତ ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନେରଞ୍ଜନ ଶିଖର ସମ୍ମିଳନୀ ଆଜି ଆରମ୍ଭ ହେବ । ଏହି ଚାରିଦିନିଆ ଶିଖର ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ । ବିଶ୍ୱର ମନୋରଞ୍ଜନ ଏବଂ ଅନ୍ୟାନ୍ୟ ଶିଳ୍ପ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ଦୃଶ୍ୟଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଳ୍ପର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବେ । ୱେଭ୍‌ସ-୨୦୨୫ର ବାର୍ତ୍ତା ରହିଛି "Connecting Creators : Connecting Countries- ନିର୍ମାତାମାନଙ୍କୁ ଯୋଡ଼ିବା, ଦେଶ ଯୋଡ଼ିବା" । ଏହି ସମ୍ମିଳନୀର ଉଦ୍ଦେଶ୍ୟ ରହିଛି, ଭାରତକୁ ଗଣମାଧ୍ୟମ, ମନୋରଞ୍ଜନ ଏବଂ ଡିଜିଟାଲ୍ ଓ ସୃଜନଶୀଳତା କ୍ଷେତ୍ରରେ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ପ୍ରଦର୍ଶନ କରିବା । ଏହା ଚଳଚ୍ଚିତ୍ର, ଓ.ଟି.ଟି., ଗେମିଂ କମିକ୍ସ, ଡିଜିଟାଲ୍ ମିଡିଆ, କୃତ୍ରିମ ବୁଦ୍ଧିମତ୍ତା, ପ୍ରସାରଣ ଏବଂ ପ୍ରଯୁକ୍ତି ବିଦ୍ୟାକୁ ସମନ୍ୱିତ କରିବା । ଏହି

ଅବସରରେ ପ୍ରଧାନମନ୍ତ୍ରୀ କ୍ରିଏଟର୍ ଇନ୍ ଇଣ୍ଡିଆ ପ୍ରତିଯୋଗିତାର ବିଜେତାମାନଙ୍କ ସହ ବାର୍ତ୍ତାଳାପ କରିବେ ।

## କ୍ୟାବିନେଟ୍

ଦେଶରେ ଜାତିଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ସାଧାରଣ ଜନଗଣନା ସହ ଏହାକୁ ମିଳିତ ଭାବେ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ସର୍ଭେ କାର୍ଯ୍ୟକୁ କେତେକ ରାଜ୍ୟ ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ କରିଥିବା ବେଳେ ଅନ୍ୟ କେତେକ ରାଜ୍ୟ ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ସମ୍ପନ୍ନ କରିଛନ୍ତି । ଯେଉଁଥିରେ କି ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । ଏଭଳି ସର୍ଭେ ଦ୍ୱାରା ସମାଜରେ ସନ୍ଦେହ ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି ।

**V/O-ASHWANI-CASTE-CENSUS**

କ୍ୟାବିନେଟ୍‌ରେ ନିଆଯାଇଥିବା ଅନ୍ୟ ଏକ ନିଷ୍ପତ୍ତି ଉପରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ସିଲଙ୍ଗ୍‌ରୁ ସିଲ୍‌ଚାର ପର୍ଯ୍ୟନ୍ତ ଏକ ନୂତନ ରାଜପଥ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପ

ଲାଗି ୨୨ ହଜାର ୮୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଉତ୍ତର ପୂର୍ବାଞ୍ଚଳର ସାମଗ୍ରୀକ ବିକାଶ ଦିଗରେ ସହାୟକ ହୋଇପାରିବ ।

କ୍ୟାବିନେଟ୍ ବୈଠକରେ ୨୦୨୫-୨୬ କୃଷି ବର୍ଷ ଲାଗି ଆଖୁ ଦର କୁଇଣ୍ଟାଲ୍ ପିଛା ୩୫୫ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ଦରରେ ଚାଷୀମାନଙ୍କ ଠାରୁ ଆଖୁ କିଣାଯିବା ଦ୍ୱାରା ପ୍ରାୟ ୫ କୋଟି ଆଖୁ ଚାଷୀ ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-ASHWANI-Sugarcane**

# ଶିବରାଜ ସିଂହ ଅନ୍ କାଷ୍ଟ ସେନ୍‌ସସ୍

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଜାତିଭିତ୍ତିକ ଜନଗଣନା ସମ୍ପୂର୍ଣ୍ଣଭାବେ ସ୍ୱଚ୍ଛ ଢଙ୍ଗରେ କରାଯିବ ଏବଂ ସବୁ ବର୍ଗର ଅର୍ଥନୈତିକ ସାମାଜିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଜନଗଣନା ହେବ । ସେ କହିଛନ୍ତି, ମୋଦି ସରକାର ପୂର୍ବରୁ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଲୋକଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦେଇଥିଲେ । କେନ୍ଦ୍ରରେ କଂଗ୍ରେସ ସରକାର ଏତେ ବର୍ଷଧରି କ୍ଷମତାରେ ଥିବାବେଳେ କାହିଁକି ଜାତିଗତ ଜନଗଣନା କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

***Voice (Sivraj Singh)*** :..........

## ଇଣ୍ଡିଆ-ପାକ୍ ଏୟାରସ୍ପେସ୍

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିମାନ ଚଳାଚଳ ପାଇଁ ନିଜର ଆକାଶପଥ ବନ୍ଦ କରିଛି । ଚଳିତ ମାସ ୨୩ ତାରିଖ ପର୍ଯ୍ୟନ୍ତ ଆକାଶପଥ ବନ୍ଦ ରହିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟପ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବଧି ମଧ୍ୟରେ ପାକିସ୍ତାନରେ ପଞ୍ଜିକୃତ ବିମାନ, ପାକିସ୍ତାନୀ ଏୟାରଲାଇନ୍‌ଦ୍ୱାରା ପରିଚାଳିତ କିମ୍ବା ଲିଜ୍‌ରେ ଦିଆଯାଇଥିବା ବିମାନପାଇଁ ଭାରତୀୟ ଆକାଶପଥ ଉପଲବ୍ଧ ହେବ ନାହିଁ । ଭାରତୀୟ ବାୟୁସୀମା ବ୍ୟବହାର ଉପରେ କଟକଣା ସମ୍ପର୍କିତ ସୂଚନା ଏୟାରମ୍ୟାନ୍‌ଙ୍କୁ ଦିଆଯାଇଥିବା କୁହାଯାଇଛି ।

## ଇଣ୍ଡିଆ-ପାକ୍ ଡି.ଜି.ଏମ୍.ଓ.

ପାକିସ୍ତାନ ସେନା ପକ୍ଷରୁ ନିୟନ୍ତ୍ରଣ ରେଖା ନିକଟରେ ବାରମ୍ବାର ଉତ୍ତେଜନା ସୃଷ୍ଟି ନ କରିବା ଲାଗି ଭାରତୀୟ ସେନାର ସାମରିକ ଅପରେସନ୍‌ର ମହାନିର୍ଦ୍ଦେଶକ – ଡି.ଜି.ଏମ୍.ଓ. ଗତକାଲି ଫୋନ୍ ଯୋଗେ ତାଙ୍କ ପାକିସ୍ତାନ ପ୍ରତିପକ୍ଷଙ୍କୁ ତାଗିଦ୍ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ

ଦିଆଯାଇଥିବା ସୂଚନା ଅନୁଯାୟୀ ଉଭୟ ଦେଶର ଡି.ଜି.ଏମ୍.ଓ. ସାମରିକ ହଟ୍‌ଲାଇନ୍ ଯୋଗେ ଏ ସମ୍ପର୍କରେ କଥାବାର୍ତ୍ତା କରିଛନ୍ତି । ଏହି କଥାବାର୍ତ୍ତା ସମୟରେ ପାକିସ୍ତାନ ଦ୍ୱାରା ନିୟନ୍ତ୍ରଣ ରେଖା ନିକଟରେ କରାଯାଉଥିବା ଅସ୍ତ୍ର ବିରତି ଉଲ୍ଲଙ୍ଘନ ସମ୍ପର୍କରେ ମଧ୍ୟ ଭାରତ ପକ୍ଷରୁ ଆପତ୍ତି କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ପି.ଏମ୍. - ମହାରାଷ୍ଟ୍ର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ପ୍ରଥମ ଦିନ ଗସ୍ତରେ ପ୍ରଧାନମନ୍ତ୍ରୀ ମୁମ୍ବାଇଠାରେ ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଂଜନ ସମ୍ମିଳନୀ–ୱେଭ୍‌ସ୍-୨୦୨୫କୁ ଉଦ୍‌ଘାଟନ କରିବେ । ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ କେରଳ ଗସ୍ତ କରି ଭିଜିନ୍ ଜାମ୍ ଆନ୍ତର୍ଜାତିକ ଗଭୀର ଜଳ ସାମୁଦ୍ରିକ ବନ୍ଦରକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ଏହି ବନ୍ଦର କାର୍ଯ୍ୟକ୍ଷମ ହେଲେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଉନ୍ନତି ଘଟିବ । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ । ପରେ ପ୍ରଧାନମନ୍ତ୍ରୀ ଅମରାବତୀଠାରେ ୫୮ ହଜାର କୋଟି ଟଙ୍କାର ବିବିଧ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିବେ ।

ଦେଶ ବ୍ୟାପି ବିଶ୍ୱସ୍ତରୀୟ ଭିତ୍ତିଭୂମି ତଥା ସଂଯୋଗୀକରଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆନ୍ଧ୍ରପ୍ରଦେଶରେ ୭ଟି ଜାତୀୟ ରାଜପଥ ପ୍ରକଳ୍ପକୁ ଲୋକାର୍ପଣ କରିବେ । ଏହାଦ୍ୱାରା ତିରୁପତି, ଶ୍ରୀକାଳାହସ୍ତି, ମାଲାକୋଣ୍ଡା ଓ ଉଦୟଗିରି ଫୋର୍ଟ୍ ଭଳି ବିଭିନ୍ନ ଧାର୍ମିକ ତଥା ପର୍ଯ୍ୟଟନ କ୍ଷେତ୍ରକୁ ସଂଯୋଗୀକରଣ ସହଜ ହୋଇପାରିବ । ଏତଦ୍‌ବ୍ୟତୀତ କେତେକ ରେଳ ପ୍ରକଳ୍ପର ମଧ୍ୟ ଶ୍ରୀ ମୋଦୀ ଲୋକାର୍ପଣ କରିବେ । ସେହିଭଳି ୬ଟି ଜାତୀୟ ରାଜପଥ ଏବଂ ଗୋଟିଏ ରେଳ ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ଏହି ଅବସରରେ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ମହା-ଗୁଜରାଟ୍ - ଫାଉଣ୍ଡେସନ୍ ଡେ

ମହାରାଷ୍ଟ୍ର ଏବଂ ଗୁଜରାଟ୍‌ର ଆଜି ସ୍ଥାପନା ଦିବସ ପାଳନ କରାଯାଉଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ମହାରାଷ୍ଟ୍ରର ୬୬ତମ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି, ଦେଶର ବିକାଶରେ ମହାରାଷ୍ଟ୍ର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଗତ ୬୫ ବର୍ଷ ମଧ୍ୟରେ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ସାହିତ୍ୟ ଏବଂ ସାମାଜିକ ନ୍ୟାୟ କ୍ଷେତ୍ରରେ ରାଜ୍ୟ ଅନେକ ସଫଳତା ହାସଲ କରିଛି ।

ଆଜି ମଧ୍ୟ ଗୁଜରାଟର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି । ଭାଷାଭିତ୍ତିରେ ବମ୍ବେ ରାଜ୍ୟରୁ ଅଲଗା ହେବା ପରେ ୧୯୬୦ ମସିହା ଆଜିର ଦିନରେ ଗୁଜରାଟ ରାଜ୍ୟ ଗଠନ ହୋଇଥିଲା । ପଞ୍ଚମହଲ ଜିଲ୍ଲାରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ୬୪୭ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି ।

## ଜେ.କେ. - ହଜ୍ ଫାର୍ଷ୍ଟ ଫ୍ଲାଇଟ୍

ଜମ୍ମୁ-କାଶ୍ମୀରରେ ଚଳିତ ବର୍ଷ ହଜ୍ ଯାତ୍ରାପାଇଁ ଶ୍ରୀନଗରରୁ ବାହାରିଥିବା ତୀର୍ଥଯାତ୍ରୀଙ୍କ ପ୍ରଥମ ବ୍ୟାଚ୍ ନିମନ୍ତେ ହଜ୍ କମିଟି ବିମାନ କାର୍ଯ୍ୟସୂଚୀ ଜାରି କରିଛି । ଆମ ଜମ୍ମୁ ସମ୍ବାଦଦାତା କହିଛନ୍ତି, ଚଳିତ ମାସ ୪ ତାରିଖରେ ପ୍ରଥମ ବିମାନ ଉଡ଼ାଣ କରିବ । ଏଥିରେ ତୀର୍ଥଯାତ୍ରୀମାନଙ୍କୁ ସକାଳ ୫ଟାରୁ ୫ଟା ୩୦ ମଧ୍ୟରେ ଶ୍ରୀନଗର ବେମିନାସ୍ଥିତ ହଜ୍ ହାଉସ୍‌ରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅବଶିଷ୍ଟ ତୀର୍ଥଯାତ୍ରୀଙ୍କ ପାଇଁ ଅଲଗା ବିଜ୍ଞପ୍ତି ପ୍ରକାଶ ପାଇବ । ଚଳିତ ବର୍ଷ ସରକାରୀ କୋଟାରେ ଜମ୍ମୁ-କାଶ୍ମୀରର ୩ ହଜାର ୬ ଶହରୁ ଅଧିକ ତୀର୍ଥଯାତ୍ରୀ ହଜ୍ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।

## ୟୁ.ଏନ୍. ଚିଫ୍ - ସୁଦାନ

ସୁଦାନରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଲାଗି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରିଛନ୍ତି । ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି, ସୁଦାନର ଉତ୍ତର ଡାର୍ଫର୍ ରାଜ୍ୟରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଦୁର୍ଭିକ୍ଷଗ୍ରସ୍ତ ଜାମ୍‌ଜାମ୍ ଏବଂ ଆବୁ ଶୌକ୍ ବିସ୍ଥାପିତ ଶିବର ଉପରେ ଆକ୍ରମଣ ଯୋଗୁଁ ଅନେକ ମାନବିକ କର୍ମୀଙ୍କ ସମେତ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି । ଗତ ଏପ୍ରିଲ୍ ମାସରେ ୪ ଲକ୍ଷରୁ ଅଧିକ ଲୋକ ଶିବିର ଛାଡ଼ି ଅନ୍ୟତ୍ର ପଳାୟନ କରିଥିବା କୁହାଯାଇଛି ।

## ବୁଦ୍ଧ - ରେଲିକ୍

ନୂଆଦିଲ୍ଲୀର ଜାତୀୟ ସଂଗ୍ରହାଳୟରେ ସାରନାଥଙ୍କ ପବିତ୍ର ବୁଦ୍ଧ ଅବଶେଷ ପ୍ରଦର୍ଶନ କରାଯାଇଥିଲା । ଆଜି ଏହାକୁ ଭିଏତ୍‌ନାମ୍‌କୁ ପଠାଯିବ । ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘ ଓ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ସହଯୋଗରେ ଚଳିତ ବର୍ଷର ଜାତିସଂଘ ଦିବସ ଉତ୍ସବରେ ଏହା ପ୍ରଦର୍ଶନ କରାଯିବ ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ୍ ୪ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ୍‌କୁ ପରାସ୍ତ କରିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଙ୍ଗ୍ କରି ଚେନ୍ନାଇ ସୁପର୍ କିଙ୍ଗ୍‌ସ ୧୯ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରା ୧୯୦ ରନ୍ ସ୍କୋର କରିଥିଲା । ଏହାର ଜବାବରେ ୧୯ ଓଭର୍ ୪ଟି ବଲ୍‌ରେ ୬ ୱିକେଟ୍ ହରାଇ ପଞ୍ଜାମ୍ କିଙ୍ଗ୍ ୧୯୪ ରନ୍ କରିଥିଲା ।

ଆଜି ଆଇ.ପି.ଏଲ୍. ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବ । ସନ୍ଧ୍ୟା ୭ଟା ୩୦ରେ ଜୟପୁରର ସବାଇ ମାନସିଂହ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

*****